ମ ପାଇଁ କେଉଁଠୁ ଶିକ୍ଷକ ଆଣିବ ?

## ସିଭି ରମଣ କଲେଜର ବାର୍ଷିକୋତ୍ସବ ସେଲିଗାନ୍‌ସି-୨୦୧୬

# ଶିଖିବାର ଆବେଗ ହିଁ ଆଗକୁ ବଢ଼ାଏ

ଖଣ୍ଡଗିରି,୧୭।୩(ଇମିସ): ଶିଖିବାର ଆବେଗ ହେଉଛି ଆଗକୁ ବଢ଼ିବାର ଚାବିକାଠି। ଛାତ୍ର ଜୀବନରେ ଏହି ମନ୍ତ୍ରକୁ ନେଇ ଯିଏ ବାଟ ଚାଲେ, ସେ କଦାପି ହାରି ନଥାଏ। ଏହି ଆବେଗ ହିଁ ଜଣଙ୍କୁ କଠିନ ପରିଶ୍ରମ କରାଏ, ନୂଆ ନୂଆ କଥା ଜାଣିବା ପାଇଁ ନିଜ ଭିତରେ କୌତୁହଳ ସୃଷ୍ଟି କରାଏ ଓ ଦୁଃସମୟକୁ ମୁକାବିଲା କରିବାକୁ ସାହସ ଯୋଗାଇଥାଏ। ଆଜି ସିଭି ରମଣ ଇଂଜିନିୟରିଂ କଲେଜର ବାର୍ଷିକୋତ୍ସବ ସେଲିଗାନ୍‌ସି-୨୦୧୬ ଅବସରରେ ନିମନ୍ତ୍ରିତ ଅତିଥିମାନେ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଏହି ବାର୍ତ୍ତା ଦେଇଛନ୍ତି।

ତିନି ଦିନିଆ ଏହି କାର୍ଯ୍ୟକ୍ରମର ଆଜି ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସଂଜୟ ଦାସବର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ମୁମ୍ବାଇ ଏସାର୍ ସିପିଂ ଲିମିଟେଡ୍‌ର ମହାପ୍ରବନ୍ଧକ ଅରୁଣ ଭରଦ୍ୱାଜ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଲେଜର ବିଟେକ୍ ଓ ଏମ୍‌ବିଏ ଆଦି ସମସ୍ତ ବିଭାଗର ଟପ୍ପର ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ଫଟୋ ଓ ବୈଷୟିକ ଜ୍ଞାନ ପ୍ରଦର୍ଶନୀକୁ ଅତିଥିମାନେ ପ୍ରଶଂସା କରିଥିଲେ। ସିଭିରମଣ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ଇଂ ସଂଜୀବ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ଇଂଜିନିୟରିଂ କଲେଜ ଅଧ୍ୟକ୍ଷ ପ୍ରଫେସର ଭବେଶ ଭଟ୍ଟାଚାର୍ଯ୍ୟ ବାର୍ଷିକୋତ୍ସବରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ବାବଦରେ ସୂଚନା ଦେଇଥିଲେ ଏବଂ ଡିନ୍ ସାଶ୍ୱତ କୁମାର ରାମ ଧନ୍ୟବାଦ ଅର୍ପଣ କରିଥିଲେ।




The Sambad
18.03.2016